**ରିପୋର୍ଟ ଯୋଗ୍ୟ**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ**

**ଦେୱାନୀ ଆବେଦନ କ୍ଷେତ୍ରାଧିକାର**

**ଦେୱାନୀ ଆବେଦନ ସଂଖ୍ୟା ୬୯୦୧ /୨୦୨୨**

କମଳା ନେତି (ମୃତ) ଉତ୍ତରାଧିକାରୀମାନଙ୍କ ମାଧ୍ୟମରେ........... ଆବେଦନକାରୀ

ବନାମ

ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ ଏବଂ ଅନ୍ୟମାନେ........ଉତ୍ତରଦାତା

**ରାୟ**

**ଏମ. ଆର. ଶାହ, ବିଚାରପତି.**

୧. କଟକସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବେଦନ ସଂଖ୍ୟା ୭୯/୨୦୧୫ ରେ ଦିଆଯାଇଥିବା ଆକ୍ଷେପିତ ରାୟ ଓ ଆଦେଶକୁ ନେଇ ବ୍ୟଥିତ ଏବଂ ଅସନ୍ତୋଷ ବ୍ୟକ୍ତ କରି, ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ଏଠାରେ ଆବେଦନକାରୀଙ୍କ ଦ୍ୱାରା ପସନ୍ଦ କରାଯାଇଥିବା ଆବେଦନକୁ ଖାରଜ କରି, ବିଚାର କରୁଥିବା ବିଦ୍ୱାନ ଅଦାଲତଙ୍କ ଆଦେଶକୁ ସୁନିଶ୍ଚିତ କରିଥିବାରୁ ମୂଳ ଆବେଦନକାରୀ ବର୍ତ୍ତମାନର ଅପିଲ ଦାୟର କରିଛନ୍ତି।

୨. ଅଧିଗ୍ରହଣ କରାଯାଇଥିବା ଜମିର କ୍ଷତିପୂରଣ ରାଶି ବାଣ୍ଟିବା ନେଇ ବିବାଦ ରହିଛି।ଏହି ଜମି ପ୍ରକୃତରେ ଆବେଦନକାରୀଙ୍କ ଏବଂ ଅନ୍ୟ ସହଉତ୍ତରାଧିକାରୀ ମାନଙ୍କ ଏକ ସାଧାରଣ ପୂର୍ବପୁରୁଷ ସ୍ୱର୍ଗତ ସତ୍ୟାନନ୍ଦ ନେଗୀଙ୍କ ନାମରେ ଅଭିଲିଖିତ କରାଯାଇଛି । ଏହି ସତ୍ୟାନନ୍ଦ ତାଙ୍କର ଦୁଇ ପୁଅ ଚକ୍ରଧର ଓ ଗଜଧରଙ୍କୁ ଛାଡି ଇହଧାମ ପରିତ୍ୟାଗ କରିଥିଲେ । ଚକ୍ରଧର ତାଙ୍କର ଚାରି ପୁଅ ଚିନ୍ତାମଣି, ପରକ୍ଷିତ, ବାସୁଦେବ ଓ କୁଳମଣି ଏବଂ ଗୋଟିଏ ଝିଅ କମଳା (ଏଠାରେ ଅପିଲକାରୀ) କୁ ଛାଡ଼ି ଇହଧାମ ପରିତ୍ୟାଗ କରିଥିଲେ । ସେହିଭଳି ଗଜଧର ନିଜର ଦୁଇ ଝିଅ କୁମାରୀ ଓ କୁମୁଦିନୀଙ୍କୁ ଛାଡି ଇହଧାମ ପରିତ୍ୟାଗ କରିଥିଲେ । ଖସଡା ସଂଖ୍ୟା.୮୧, ମୌଜା କୋପସିଂଘା ରେ ଥିବା ଜମି ଯାହାକି ପ୍ରକୃତରେ ସ୍ୱର୍ଗୀୟ ସତ୍ୟାନନ୍ଦ ନେଗୀଙ୍କ ନାମରେ ଥିଲା, ସେଥିପାଇଁ କ୍ଷତିପୂରଣ ରାଶି ୫,୯୭,୩୫,୭୫୪/- ଟଙ୍କା କୁ ପ୍ରତିପକ୍ଷ ୨ ରୁ ୫ ଅର୍ଥାତ୍ କଦମ୍ବ ନେଗୀ, ଜାହ୍ନବୀ ନେଗୀ, ବାସୁଦେବ ନେଗୀ, ଲଳିତା ନେଗୀ ଏବଂ ଗଜଧରଙ୍କ ଝିଅମାନେ

ଅର୍ଥାତ କୁମାରୀ ଧୂଆ ଏବଂ କୁମୁଦିନୀ ମାଝୀଙ୍କ ସପକ୍ଷରେ ପ୍ରଦାନ କରିବା ଅର୍ଥେ ସ୍ଥିରୀକୃତ କରାଯାଇଥିଲା ।

୨.୧ ଚକ୍ରଧରଙ୍କ ଝିଅ ବୋଲି ଦାବି କରୁଥିବା ଏବଂ କ୍ଷତିପୂରଣ ରାଶିର ୧/୫ଭାଗ ଦାବି କରୁଥିବା ଆବେଦନକାରୀଙ୍କ ଦାବିକୁ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୩0 ଅଧୀନରେ ବିଚାର କରୁଥିବା ଅଦାଲତଙ୍କ ପାଖକୁ ବିଚାରାର୍ଥେ ପଠାଇ ଦିଆଯାଇଥିଲା । ବିଚାର କରୁଥିବା ବିଦ୍ୱାନ ବରିଷ୍ଠ ଦେୱାନୀ ବିଚାରପତି, ସୁନ୍ଦରଗଡ, ଆବେଦନକାରୀଙ୍କ କ୍ଷତିପୂରଣ ଭାଗ ଦାବୀକୁ ମୁଖ୍ୟତଃ ଏହି ଆଧାରରେ ଖାରଜ କରିଥିଲେ ଯେ, କ୍ଷତିପୂରଣ ମାମଲାରେ ଆବେଦନକାରୀ ପକ୍ଷମାନେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ହୋଇଥିବାରୁ ହିନ୍ଦୁ ଉତ୍ତରାଧିକାର ଆଇନର ବ୍ୟବସ୍ଥା ଲାଗୁ ହେବ ନାହିଁ ଏବଂ ଯେହେତୁ ଆବେଦନକାରୀ ଏକ ଝିଅ ଅଟେ, କ୍ଷତିପୂରଣ ରାଶିର ଅଂଶଧନ ପାଇବା ପାଇଁ ହକଦାର ହେବେ ନାହିଁ । ବିଚାର କରୁଥିବା ନ୍ୟାୟାଳୟ ପକ୍ଷରୁ କ୍ଷତିପୂରଣ ରାଶିର ଅଂଶକୁ ଅସ୍ୱୀକାର କରି ଦିଆଯାଇଥିବା ଆଦେଶକୁ ଉଚ୍ଚ ନ୍ୟାୟାଳୟ ତାଙ୍କ ଆକ୍ଷେପିତ ରାୟ ଏବଂ ଆଦେଶ ଜରିଆରେ ସୁନିଶ୍ଚିତ କରିଛନ୍ତି । ତେଣୁ, ବର୍ତ୍ତମାନର ଆବେଦନ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଓ ଆଦେଶ ବିରୋଧରେ ।

୩. ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ, **ମଧୁ କିଶ୍ୱର ଓ ଅନ୍ୟମାନେ ବନାମ ବିହାର ରାଜ୍ୟ ଓ ଅନ୍ୟମାନେ,** (୧୯୯୬) ୫ ଏସସିସି ୧୨୫ ମାମଲାରେ ହୋଇଥିବା ନିଷ୍ପତ୍ତିକୁ ବିଶ୍ୱାସ କରି ଆବେଦନ କରିଛନ୍ତି ଯେ ଆବେଦନକାରୀ ଝିଅ ହୋଇଥିବା କାରଣରୁ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ବ୍ୟବସ୍ଥା ଲାଗୁ କରାଗଲେ ମଧ କ୍ଷତିପୂରଣ ପରିମାଣ ପାଇବାକୁ ହକଦାର ହେବେ।

୩.୧ ଏହା ତୀବ୍ର ଭାବେ ଉପସ୍ଥାପନା କରାଯାଇଛି ଯେ,ଏହି ନ୍ୟାୟାଳୟ ଦ୍ୱାରା ଅନୁସୂଚିତ ଜନଜାତି ମହିଳାଙ୍କ ଉତ୍ତରାଧିକାର ଅଧିକାରକୁ ପ୍ରତ୍ୟାଖାନ କରିବା ଭାରତୀୟ ସମ୍ବିଧାନର ଧାରା ୨୧ ଅଧୀନରେ ଜୀବିକା ନିର୍ବାହ ଅଧିକାରରୁ ବଞ୍ଚିତ କରାଇବା ସହ ସମାନ ବୋଲି ଅନୁଭବ କରାଯାଇଛି | ଅଦାଲତଙ୍କର ମନ୍ତବ୍ୟ ଏବଂ ଆଧାରକୁ ଏହିପରି ଉପସ୍ଥାପନା କରାଯାଇଛି ଯେ ଯେପର୍ଯ୍ୟନ୍ତ ଶେଷ ପୁରୁଷ ପ୍ରଜାଙ୍କ ନିକଟ ମହିଳା ସମ୍ପର୍କୀୟାମାନେ ସେହି ଜମିରେ ସେମାନଙ୍କର ଜୀବିକା ନିର୍ଭର କରୁଥିବେ, ସେପର୍ଯ୍ୟନ୍ତ ପୁରୁଷ ନିରଙ୍କୁଶ ଉତ୍ତରାଧିକାର ସାମୟିକଭାବେ ସ୍ଥଗିତ ରହିବ |

୩.୨ ଏହା ଉପସ୍ଥାପନା କରାଯାଇଛି ଯେ ଉପରୋକ୍ତ ନିଷ୍ପତ୍ତିରେ ଏହି ନ୍ୟାୟାଳୟଙ୍କର ମତ ଅନୁଯାୟୀ, ଅନୁସୂଚିତ ଜନଜାତିର ମହିଳା/ଝିଅମାନଙ୍କୁ ସମାନ ଅଧିକାରରୁ ବଞ୍ଚିତ କରିବା

ଲିଙ୍ଗଗତ ବୈଷମ୍ୟ ହେବ ଏବଂ ସଂଯୁକ୍ତ ପାରିବାରିକ ସମ୍ପତ୍ତିରେ ଝିଅମାନଙ୍କୁ ଅଧିକାର ପ୍ରଦାନ କରାଯିବାରୁ ବଞ୍ଚିତ କରାଯାଇପାରିବ ନାହିଁ, ଯେଉଁଥିରେ ସମସ୍ତ ସହଉତ୍ତରାଧିକାରୀ ମାନଙ୍କର ସମାନ ଅଂଶ ରହିଛି ।

ଉପରୋକ୍ତ ଉପସ୍ଥାପନାରେ ଏବଂ ଉପରୋକ୍ତ ନିଷ୍ପତ୍ତି ଉପରେ ବିଶ୍ୱାସ କରି, ବର୍ତ୍ତମାନର ଆବେଦନକୁ ଅନୁମତି ଦେବା ଏବଂ ସହଉତ୍ତରାଧିକାରୀ ମାନଙ୍କ ମଧ୍ୟରୁ ଜଣଙ୍କର କନ୍ୟା ହୋଇଥିବାରୁ ଆବେଦନକାରୀ କ୍ଷତିପୂରଣ ପରିମାଣର ୧/୫ ଭାଗ ପାଇବା ପାଇଁ ହକଦାର ହେବେ ବୋଲି ସ୍ଥିର କରିବା ଲାଗି ପ୍ରାର୍ଥନା କରାଯାଇଛି ।

୪. ବର୍ତ୍ତମାନର ଆବେଦନକୁ ପ୍ରତିଦ୍ୱନ୍ଦ୍ୱୀ ପକ୍ଷ ତରଫରୁ ଉପସ୍ଥିତ ଥିବା ବିଦ୍ୱାନ ଓକିଲ ଡକ୍ଟର କେଦାରନାଥ ତ୍ରିପାଠୀ ତୀବ୍ର ବିରୋଧ କରିଛନ୍ତି।

୪.୧ ଏହା ଉପସ୍ଥାପନା କରାଯାଇଛି ଯେ ବର୍ତ୍ତମାନର ମାମଲାରେ ପକ୍ଷମାନେ ଅନୁସୂଚିତ ଜନଜାତିର ସଦସ୍ୟ । ବିବାଦିତ ଜମି ସତ୍ୟାନନ୍ଦ ନେଗୀଙ୍କର ଏବଂ ତାଙ୍କ ମୃତ୍ୟୁ ପରେ ତାଙ୍କ ଦୁଇ ପୁଅ ଚକ୍ରଧର ଏବଂ ଗଜଧରଙ୍କୁ ଜୀବିତ ଉତ୍ତରାଧିକାରୀ ଅଧିକାର ସୂତ୍ରେ ଏହି ଜମି ହସ୍ତାନ୍ତରିତ ହୋଇଥିଲା । ଚକ୍ରଧରଙ୍କର ଭାରତୀୟ ସମ୍ବିଧାନ ଏବଂ ହିନ୍ଦୁ ଉତ୍ତରାଧିକାର ଅଧିନିୟମ, ୧୯୫୪ ଲାଗୁ ହେବା ପୂର୍ବରୁ ୧୯୪୮ରେ ଦେହାନ୍ତ ହୋଇଥିଲା । ଚକ୍ରଧର ଏବଂ ତାଙ୍କ ପତ୍ନୀଙ୍କ ମୃତ୍ୟୁ ପରେ ସମ୍ପତ୍ତିରେ ଥିବା ତାଙ୍କର ଅଂଶ ତାଙ୍କର ଚାରିଜଣ ପୁଅଙ୍କ ପାଖକୁ ହସ୍ତାନ୍ତରିତ ହୋଇଥିଲା, ଯେଉଁମାନେ ଉତ୍ତରାଧିକାର ସ୍ୱରୂପ ପ୍ରତ୍ୟେକଙ୍କର ୧/୪ଭାଗ ଅଧିକାର ରହିଥିଲା । ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଉତ୍ତରାଧିକାର ସୂତ୍ରେ ଚାରି ପୁଅଙ୍କର ପ୍ରତ୍ୟେକ ୧/୪ ଭାଗ ଜମିକୁ ସରକାର ସୁନ୍ଦରଗଡ଼ ଜିଲ୍ଲାର ଭେଡ଼ାବାହାଲ ଠାରେ ଏକ ଅତି ବଡ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସେମାନଙ୍କ ସମ୍ପତ୍ତିକୁ ଅଧିଗ୍ରହଣ କରିଥିଲେ । ଜମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ନିର୍ଦ୍ଧାରଣ କରାଯାଇଥିଲା ଏବଂ ଚାରି ପୁଅମାନଙ୍କୁ –ଏଠାରେ ପ୍ରତିବାଦୀମାନେ ସମ୍ପତ୍ତିର ମାଲିକ ହୋଇଥିବାରୁ, ସମାନଭାବରେ କ୍ଷତିପୂରଣ ପ୍ରଦାନ କରଯାଇଥିଲା । ଏହାପରେ ଉପସ୍ଥାପନା କରାଯାଇଛି ଯେ ଆବେଦନକାରୀ ସତ୍ୟାନନ୍ଦ ନେଗୀଙ୍କର ଏକ ବଂଶଧର ଭାବେ ସେମାନଙ୍କର କ୍ଷତିପୂରଣ ରାଶିର ୧/୫ ଭାଗ ଦାବିକରି ସୁନ୍ଦରଗଡ଼ ଜମି ଅଧିଗ୍ରହଣ ଅଧିକାରୀଙ୍କ ନିକଟରେ ରେ ଏକ ଆବେଦନ ଦାଖଲ କରିଥିଲେ । ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ପ୍ରଣୀତ ଭୂମି ଅଧିଗ୍ରହଣ ଅଧିନିୟମର ଧାରା ୩୦ଅନ୍ତର୍ଗତ ମାମଲା ସୁନ୍ଦରଗଡ଼ର ବରିଷ୍ଠ ଦେୱାନୀ ନ୍ୟାୟାଧୀଶଙ୍କ ଅଦାଲତକୁ ପଠାଯାଇଥିଲା । ମାନ୍ୟବର ବିଚାରକରୁଥିବା କୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଥିଲେ ଯେ ସେ ତଫସିଲଭୁକ୍ତ ଜନଜାତି ସଦସ୍ୟ ଭାବେ କ୍ଷତିପୂରଣ ରାଶିର କୌଣସି ରାଶି ଦାବି କରିବା ପାଇଁ ହକଦାର ନୁହଁନ୍ତି, ହିନ୍ଦୁ ଉତ୍ତରାଧିକାର

ଆଇନର ବ୍ୟବସ୍ଥା  ଲାଗୁ ହେବ ନାହିଁ ଏବଂ ସେଥିପାଇଁ ସଂଯୁକ୍ତ ପରିବାର ସମ୍ପତ୍ତିରେ ତାଙ୍କର କୌଣସି ଅଧିକାର ରହିବ ନାହିଁ । କୁହାଯାଇଛି ଯେ ହିନ୍ଦୁ ଉତ୍ତରାଧିକାର ଆଇନର ବିଶେଷ କରି ଧାରା ୨ (୨) କୁ ବିଚାରକୁ ନେଇ ହାଇକୋର୍ଟ କୌଣସି ତ୍ରୁଟି କରିନାହାନ୍ତି ।

୪.୨   ଏହା ଉପସ୍ଥାପନା କରାଯାଇଛି ଯେ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଧାରା ୮ ଆଧାରରେ ଆବେଦନକାରୀ ବିବାଦୀୟ ସମ୍ପତିରେ କୌଣସି ଅଂଶ ପାଇବା ପାଇଁ ହକଦାର ନୁହଁନ୍ତି । ଏହା ଉପସ୍ଥାପନା କରାଯାଇଛି ଯେ ତାଙ୍କର ବାପା ଚକ୍ରଧର ୧୯୫୪ ମସିହାରେ ହିନ୍ଦୁ ଉତ୍ତରାଧିକାର ଆଇନ ଏବଂ ଭାରତ ସମ୍ବିଧାନ ପ୍ରଣୟନ ହେବା ପୂର୍ବରୁ ୧୯୪୮ ମସିହାରେ ମୃତ୍ୟୁ ବରଣ କରିଥିଲେ | ହିନ୍ଦୁ ଉତ୍ତରାଧିକାର ଆଇନ ଧାରା ୨(୨)କୁ ଆଖି ଆଗରେ ରଖି ଏହା ମଧ୍ୟ କୁହାଯାଇଛି ଯେ ଅନୁସୂଚିତ ଜନଜାତିର ସଦସ୍ୟ ମାନଙ୍କ ପାଇଁ ହିନ୍ଦୁ ଉତ୍ତରାଧିକାର ଆଇନରେ କୌଣସି ସ୍ପଷ୍ଟ ଉଲ୍ଲେଖ ବ୍ୟତୀତ, ହିନ୍ଦୁ ଉତ୍ତରାଧିକାର ଆଇନ ଲାଗୁ କରାଯିବ ନାହିଁ, ହିନ୍ଦୁ ଉତ୍ତରାଧିକାର ଆଇନ ପିଛିଲା ଭାବେ ଆବେଦନକାରୀଙ୍କୁ କ୍ଷତିପୂରଣ ପ୍ରଦାନ କରିପାରିବ ନାହିଁ |

୪.୩  ଏହା ମଧ୍ୟ କୁହାଯାଇଛି ଯେ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଧାରା ୨ (୨) ଅନୁଯାୟୀ, ଏହି ଅଧିନିୟମ ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କ ପାଇଁ ଲାଗୁ ହେବ ନାହିଁ । **ଲବିଶ୍ୱର ମାଝି ବନାମ ପ୍ରାଣ ମାଝି ଏବଂ ଅନ୍ୟମାନେ,** (୨୦୦୦) ୮ ଏସସିସି ୫୮୭ ମାମଲାରେ ଏହା ସ୍ପଷ୍ଟ ଭାବେ କୁହାଯାଇଛି ଏବଂ ଉପସ୍ଥାପନା କରାଯାଇଛି ଯେ ଯଦି ଅନୁସୂଚୀତ ଜନଜାତିର ସଦସ୍ୟମାନେ ହିନ୍ଦୁଧର୍ମର ପ୍ରଥାଗତ ଏବଂ ଅଭ୍ୟାସକୁ ଅନୁସରଣ କରନ୍ତି ତେବେ କେବଳ ହିନ୍ଦୁ ଉତ୍ତରାଧିକାର ଆଇନ ଲାଗୁ ହେବ । ଏହା ଦାଖଲ କରାଯାଇଛି ଯେ ବର୍ତ୍ତମାନର ମାମଲାରେ ପକ୍ଷମାନେ ହିନ୍ଦୁକରଣ କରିଛନ୍ତି ବୋଲି ପ୍ରମାଣ କରିବା ଲାଗି ରେକର୍ଡରେ କୌଣସି ପ୍ରମାଣ ନାହିଁ । ତେଣୁ କୁହାଯାଇଛି ଯେ  ହିନ୍ଦୁ ଉତ୍ତରାଧିକାର ଆଇନ ଏଠାକାର ପକ୍ଷଙ୍କ ପାଇଁ ଲାଗୁ ହେବ ନାହିଁ।

୪.୪  ଏହା ପୁଣି କୁହାଯାଇଛି ଯେ ଏହି ନ୍ୟାୟାଳୟର ନିଷ୍ପତ୍ତି ଅନୁଯାୟୀ ଯେତେବେଳେ ଆଇନ ଏବଂ ସମାନତା ମଧ୍ୟରେ ବିବାଦ ଦେଖାଦେବ, ଆଇନ ବଳବତ୍ତର ରହିବ । ଏହି ନ୍ୟାୟାଳୟର ନିଷ୍ପତ୍ତି **ବି.ପ୍ରେମାନନ୍ଦ ଓ ଅନ୍ୟମାନେ ବନାମ ମୋହନ କୋଇକାଲ ଓ ଅନ୍ୟମାନେ** ମାମଲାରେ ବିଶ୍ୱାସ ରଖାଯାଇଛି (୨୦୧୧) ୪ ଏସସିସି ୨୬୬ । ଏହା ଦାଖଲ କରାଯାଇ ଏହିପରି ଏହି ଅଦାଲତ **ଜେ.ପି.ବଂଶଲ ବନାମ ରାଜସ୍ଥାନ ରାଜ୍ୟ ଓ ଅନ୍ୟଜଣେ** ଏ. ଆଇ. ଆର. (୨୦୦୩) ଏସ. ସି. ୧୪୦୫ ଏବଂ **ଝାରଖଣ୍ଡ ରାଜ୍ୟ ଓ ଅନ୍ୟଜଣେ ବନାମ ଗୋବିନ୍ଦ ସିଂ,**ଜେଟି ୨୦୦୪ (୧୦) ଏସସି ୩୪୯,ମାମଲାରେ କହିଛନ୍ତି ଯେ  ଆଇନରେ ସଂଶୋଧନ କରିବାର ଦାୟିତ୍ୱ ବ୍ୟବସ୍ଥାପିକାର, ନ୍ୟାୟାଳୟର ନୁହେଁ ।

୪.୫ ଏହା ଦାଖଲ କରାଯାଇଛି ଯେ ଏହି ମାନ୍ୟବର ନ୍ୟାୟାଳୟ ଅନେକ ସମୟରେ ଆଦିବାସୀମାନଙ୍କୁ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଲାଭ ଦେବା ପାଇଁ ମନା କରିଛନ୍ତି, ଯେପର୍ଯ୍ୟନ୍ତ ତାହା କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧିସୂଚିତ ନହୋଇଛି । **ମଧୁ କିଶୋର** (ଉପରୋକ୍ତ) ମାମଲାରେ ଏହି କୋର୍ଟଙ୍କ ଦ୍ୱାରା କରାଯାଇଥିବା ମନ୍ତବ୍ୟକୁ ବିଶ୍ୱାସକୁ ନିଆଯାଇଛି ।

ଉପରୋକ୍ତ ପ୍ରସ୍ତାବ ଦେଇ ବର୍ତ୍ତମାନର ଆବେଦନକୁ ଖାରଜ କରିବା ପାଇଁ ପ୍ରାର୍ଥନା କରାଯାଇଛି।

୫. ସମ୍ପୃକ୍ତ ପକ୍ଷଙ୍କ ପାଇଁ ଥିବା ଶ୍ରୀମାନ ଓକିଲଙ୍କୁ ଦୀର୍ଘ ସମୟ ଧରି ଶୁଣିଲୁ ।

୬. ଏହି ନ୍ୟାୟାଳୟର ବିଚାର ପାଇଁ ଏକ ଛୋଟ ପ୍ରଶ୍ନ ଉଠୁଛି ଯେ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଜୀବିତ ଉତ୍ତରାଧିକାରୀ ଆଧାରରେ ଅଧିଗ୍ରହଣ କରାଯାଇଥିବା ଜମି ସମ୍ପର୍କରେ ଆବେଦନକାରୀ/ଆବେଦନକାରୀ ଝିଅ ହୋଇଥିବା କାରଣରୁ କ୍ଷତିପୂରଣ ପାଇବା ପାଇଁ ହକଦାର କି ? ପ୍ରାରମ୍ଭରେ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଆବେଦନକାରୀ ଆଦିବାସୀ ସମ୍ପ୍ରଦାୟର ଏବଂ ସେ ଅନୁସୂଚିତ ଜନଜାତିର ସଦସ୍ୟ । ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଧାରା ୨ (୨) ଅନୁଯାୟୀ, ହିନ୍ଦୁ ଉତ୍ତରାଧିକାର ଅଧିନିୟମ ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କ ପାଇଁ ଲାଗୁ ହେବ ନାହିଁ । ତେଣୁ ଉଚ୍ଚ ନ୍ୟାୟାଳୟ ସଠିକ ଭାବେ ଅନୁଭବ କରି କହିଛନ୍ତି,ଆବେଦନକାରୀ ହିନ୍ଦୁ ଉତ୍ତରାଧିକାର ଅଧିନିୟମ ଅଧୀନରେ କୌଣସି ଜୀବିତ ଉତ୍ତରାଧିକାର ଦାବି କରିପାରିବେ ନାହିଁ | ତେଣୁ ଯେପର୍ଯ୍ୟନ୍ତ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଧାରା ୨ (୨) ରହିଆସିଛି ଏବଂ କୌଣସି ସଂଶୋଧନ ହୋଇନାହିଁ, ସେପର୍ଯ୍ୟନ୍ତ ଆବେଦନକାରୀ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଧାରା ୨(୨)ର ପ୍ରାବଧାନ ଦ୍ୱାରା ପରିଚାଳିତ ହେବେ | ତେଣୁ, ଯଦିଓ ସମାନତା ଆଧାରରେ ଆମେ ଜଣେ ଝିଅ ଆବେଦନକାରୀଙ୍କ ପକ୍ଷରେ ଅଛୁ ଏବଂ ହିନ୍ଦୁ ଉତ୍ତରାଧିକାର ଅଧିନିୟମ ଲାଗୁ ହେବାର ପାଖାପାଖି ୭୦ବର୍ଷରୁ ଅଧିକ ସମୟ ଅତିକ୍ରମ ହୋଇଗଲାଣି ଏବଂ ପରବର୍ତ୍ତୀ ସମୟରେ ବହୁତ ଜଳ ପ୍ରବାହିତ ହୋଇଗଲାଣି ଏବଂ ଯଦିଓ ଆମର ପ୍ରାଥମିକ ମତ ରହିଛି ଯେ ପିତାଙ୍କ ସମ୍ପତ୍ତିରେ ଝିଅକୁ ଜୀବିତ ଉତ୍ତରାଧିକାରୀର ଲାଭ ପ୍ରଦାନ କରିବା ନିୟମତଃ ଖରାପ ବୋଲି କୁହାଯାଇପାରେ ଏବଂ ବର୍ତ୍ତମାନ ପରିସ୍ଥିତିରେ ଏହାକୁ ନ୍ୟାୟସଙ୍ଗତ କରାଯାଇ ପାରିବ ନାହିଁ, ଯେପର୍ଯନ୍ତ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଧାରା୨(୨) ରେ ସଂଶୋଧନ ନହୋଇଛି , ସେପର୍ଯନ୍ତ ଅନୁସୂଚିତ ଜନଜାତିର ସଦସ୍ୟ ହୋଇଥିବା ପକ୍ଷମାନେ ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଧାରା ୨ (୨) ଦ୍ୱାରା ପରିଚାଳିତ ହେବେ । **ମୋହନ ଲାଲ କୋଇକଲ** (ଉପରୋକ୍ତ)ଙ୍କ ମାମଲାରେ ଏହି ଅଦାଲତ ଏହିପରି କହିଛନ୍ତି ଯେ ଯେତେବେଳେ ଆଇନ ଏବଂ ସମାନତା ମଧ୍ୟରେ ବିବାଦ ଦେଖା ଦିଏ, ଆଇନ ହିଁ ବିଜୟ ଲାଭ କରିଥାଏ |

ସମାନତା କେବଳ ଆଇନର ପରିପୂରକ ହୋଇପାରେ । ଏଥିରେ ବ୍ୟବଧାନ ରହିଛି, କିନ୍ତୁ ଏହା ଆଇନର ସ୍ଥାନ ନେଇ ପାରିବ ନାହିଁ।

୬.୧ ଯଦି ହିନ୍ଦୁ ଉତ୍ତରାଧିକାର ଅଧିନିୟମ ଅଧୀନରେ ଜୀବିତ ଉତ୍ତରାଧିକାରୀ ଆଧାରରେ ଆବେଦନକାରୀଙ୍କ ଦାବି ଗ୍ରହଣ କରାଯାଏ, ସେକ୍ଷେତ୍ରରେ ଆଇନରେ ସମାନ ସଂଶୋଧନ କରିବାପାଇଁ ପଡିବ । ଆଇନରେ ସଂଶୋଧନ କରିବାର ଦାୟିତ୍ୱ ବ୍ୟବସ୍ଥାପିକାର, ନ୍ୟାୟାଳୟର ନୁହେଁ ।

୬.୨ ବର୍ତ୍ତମାନ ଯେପର୍ଯ୍ୟନ୍ତ **ମଧୁ କିଶ୍ୱର** (ଉପରୋକ୍ତ)ଙ୍କ ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ଉପରେ ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ରଖାଯାଇଥିବା ନିର୍ଭରଶୀଳତା ସମ୍ପୃକ୍ତ, ପ୍ରାରମ୍ଭରେ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ସଂଖ୍ୟାଧିକ ନିଷ୍ପତିରେ ଏହି ନ୍ୟାୟାଳୟ ଛୋଟ ନାଗପୁର ଟେନାନ୍ସି ଆକ୍ଟ,୧୯୦୮ର ବ୍ୟବସ୍ଥାକୁ ରଦ୍ଦ କରିବାକୁ ମନା କରିଦେଇଥିଲେ, ଯେଉଁଥିରେ କି ଅନୁଚ୍ଛେଦ ୧୪ର କଷଟି ପଥର ଦ୍ୱାରା  ପରମ୍ପରାଗତ ଭାବେ ପୁରୁଷମାନଙ୍କୁ ସମ୍ପତିରେ ଉତ୍ତରାଧିକାର ପ୍ରଦାନ କରାଯାଉଛି ଏବଂ କନ୍ୟାମାନଙ୍କୁ ଉତ୍ତରାଧିକାର ଅଧିକାର ପ୍ରଦାନ କରିବାକୁ ମନା କରାଯାଇଛି  । ତେବେ ଏହି ଅଦାଲତ ଉପରୋକ୍ତ ବ୍ୟବସ୍ଥାକୁ ପଢି ଏବଂ ଅନୁଭବ କରି  କହିଛନ୍ତି  ଯେ, ନିର୍ଭରଶୀଳ ମହିଳାମାନେ/ବଂଶଧର ଜୀବିକାନିର୍ବାହ ଉଦ୍ଦେଶ୍ୟରେ ରଖାଯାଇଥିବା ଜମିକୁ ପରିତ୍ୟାଗ କରି ବା ଛାଡ଼ି ବଞ୍ଚିବାର ଅନ୍ୟ ଉପାୟ ବାଛିବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୁରୁଷ ଉତ୍ତରାଧିକାର ଅଧିକାରକୁ ନିଲମ୍ବନ କରି ଅଧିନିୟମର ଧାରା ୭ ଏବଂ ୮ ଅଧୀନରେ ନିର୍ଭରଶୀଳ ମହିଳା /ବଂଶଧରଙ୍କ ଅଧିକାରରେ ହସ୍ତକ୍ଷେପ କରାଯିବା ଉଚିତ | ଏହି ନ୍ୟାୟାଳୟ ଏହିପରିଭାବେ ରିଟ ଆବେଦନର ଫଇସଲା କରିଛନ୍ତି । ତେବେ ଏହି ରିଟ ଆବେଦନର ଶୁଣାଣି କରି ଏହି ଅଦାଲତ ବିହାର ସରକାରଙ୍କୁ ଆମ୍ଭର ସାମ୍ବିଧାନିକ ମୂଲ୍ୟବୋଧ ଏବଂ ଆଇନରେ ସଂଶୋଧନ ଆଣିବାର ଆବଶ୍ୟକତା ଉପରେ ବିସ୍ତୃତ ଭାବେ ବିଚାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

୬.୩  ଏହି ଅଦାଲତ ମଧ କେନ୍ଦ୍ର ସରକାରଙ୍କୁ ସୁପାରିସ କ୍ରମେ ଏହି ପ୍ରଶ୍ନ କୁ ଅନୁଧ୍ୟାନ କରିବାଲାଗି ନିର୍ଦ୍ଦେଶ ଦେଇ କହିଛନ୍ତି ଯେ,ଯେତେଦୂର ବିହାର ରାଜ୍ୟର ଅନୁସୂଚିତ ଜନଜାତିଙ୍କ ପାଇଁ ଏହି ବ୍ୟବସ୍ଥାର ଉପଯୋଗୀତା ସମ୍ପୃକ୍ତ, ହିନ୍ଦୁ ଉତ୍ତରାଧିକାର ଅଧିନିୟମ ଓ ଭାରତୀୟ ଉତ୍ତରାଧିକାର ଅଧିନିୟମରେ ଥିବା ବ୍ୟତିକ୍ରମକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିବାର  ଯଥାର୍ଥତା ଅଛି କି ନାହିଁ ।

୬.୪  ତଥାପି, ଶ୍ରୀ ଜଷ୍ଟିସ କେ. ରାମାସ୍ୱାମୀ ତାଙ୍କ ସମବର୍ତ୍ତୀ ରାୟରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ହିନ୍ଦୁ ଉତ୍ତରାଧିକାର ଅଧିନିୟମ ଏବଂ ଭାରତୀୟ ଉତ୍ତରାଧିକାର ଅଧିନିୟମର ବ୍ୟବସ୍ଥା

ଅନୁସୂଚିତ ଜନଜାତିଙ୍କ ପ୍ରତି ଲାଗୁ ହେବାକଥା, ଯେଉଁଥିରେ ନିହିତ ସାଧାରଣ ସିଦ୍ଧାନ୍ତ, ସୁସଂଗତ ନ୍ୟାୟ , ସମତା, ଔଚିତ୍ୟ, ସଠିକ ଏବଂ ଉତ୍ତମ ବିବେକ ସେମାନଙ୍କ ପାଇଁ ଲାଗୁ କରାଯାଇ ପାରିବ। ଏହାପରେ ଏହା ସ୍ଥିର କରାଯାଇଛି ଯେ ଅନୁସୂଚିତ ଜନଜାତି ମହିଳାମାନେ ସେମାନଙ୍କ ପିତାମାତା, ଭାଇ, ସ୍ୱାମୀଙ୍କ ସମ୍ପତ୍ତିରେ ଉତ୍ତରାଧିକାରୀ ଭାବେ ଉତ୍ତରାଧିକାରୀ ହେବେ ଏବଂ ଏହି ନ୍ୟାୟାଳୟ ଦ୍ୱାରା ସଂଶୋଧିତ ଏବଂ ବ୍ୟାଖ୍ୟା କରାଯାଇଥିବା ହିନ୍ଦୁ ଉତ୍ତରାଧିକାର ଅଧିନିୟମ, ୧୯୫୬ର ସାଧାରଣ ସିଦ୍ଧାନ୍ତ ଅନୁଯାୟୀ ପୁରୁଷ ଉତ୍ତରାଧିକାରୀଙ୍କ ସହ ସମାନ ଅଧିକାର ସହିତ ସମ୍ପତ୍ତିର ଉତ୍ତରାଧିକାରୀ ହେବେ । ତେବେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ଯେ ଏହା ଏକ ସଂଖ୍ୟାଲଘୁ ମତ ।

୭. ହିନ୍ଦୁ ଉତ୍ତରାଧିକାର ଅଧିନିୟମର ଧାରା ୨ (୨) କୁ ଦୃଷ୍ଟିରେ ରଖି ଏବଂ ଆବେଦନକାରୀ ତଫସିଲଭୁକ୍ତ ଜନଜାତିର ସଦସ୍ୟ ହୋଇଥିବାରୁ ଏବଂ ତଫସିଲଭୁକ୍ତ ଜନଜାତିର ମହିଳା ସଦସ୍ୟ ହୋଇଥିବାରୁ ଆବେଦନକାରୀ କୌଣସି ଜୀବିତ ଉତ୍ତରାଧିକାର ଅଧିକାରର ହକଦାର ନୁହଁନ୍ତି। ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରା କୌଣସି ତ୍ରୁଟି ହୋଇନାହିଁ । ତେଣୁ ଏହି ଆବେଦନକୁ ଖାରଜ କରାଯିବା ଉଚିତ ଏବଂ ତଦନୁସାରେ ଏହାକୁ ଖାରଜ କରାଗଲା ।

୭.୧ ବିଦାୟ ନେବା ପୂର୍ବରୁ ଆମେ ଅନୁଭବ କରିପାରୁ ଯେ, ଯେତେଦୂର ଆଦିବାସୀ ମହିଳା ସମ୍ପୃକ୍ତ, ବଞ୍ଚିବାର ଅଧିକାରକୁ ବଞ୍ଚିତ କରିବାର କୌଣସି ପ୍ରାସଙ୍ଗିଗତା ନାହିଁ । ଯେତେବେଳେ ଅଣଆଦିବାସୀ ଝିଅଟିଏ ବାପାଙ୍କ ସମ୍ପତ୍ତିରେ ସମାନ ଅଧିକାର ପାଇବାକୁ ହକଦାର ହୋଇଥାନ୍ତି, ସେତେବେଳେ ଆଦିବାସୀ ଝିଅକୁ ଏପରି ଅଧିକାରରୁ ବଞ୍ଚିତ କରିବାର କୌଣସି କାରଣ ନାହିଁ । ଜନଜାତି ମହିଳାମାନେ, ଜନଜାତି ପୁରୁଷମାନଙ୍କ ସହିତ ସମାନ ଇଚ୍ଛାପତ୍ର ଅଧିକାର ପାଇବାକୁ ହକଦାର । ଭାରତୀୟ ସମ୍ବିଧାନର ୭୦ ବର୍ଷର ଅବଧି ପରେ ମଧ୍ୟ ଆଦିବାସୀ ଝିଅମାନଙ୍କୁ ସମାନ ଅଧିକାର ପ୍ରଦାନ କରାଯିବାରୁ ବଞ୍ଚିତ କରିବା, ଯେଉଁଥିରେ ସମାନତାର ଅଧିକାର ସୁନିଶ୍ଚିତ କରାଯାଇଛି, ଏହି ବିଷୟ ପ୍ରତି ଧ୍ୟାନ ଦେବା କେନ୍ଦ୍ର ସରକାରଙ୍କ ପାଇଁ ଉଚିତ ସମୟ ଅଟେ, ଏବଂ ଯଦି ଆବଶ୍ୟକ ପଡେ, ହିନ୍ଦୁ ଉତ୍ତରାଧିକାର ଆଇନର ବ୍ୟବସ୍ଥାରେ ସଂଶୋଧନ ଆଣିବା ଦରକାର, ଯେଉଁଥି ପାଇଁ ହିନ୍ଦୁ ଉତ୍ତରାଧିକାର ଆଇନ ତଫସିଲଭୁକ୍ତ ଜନଜାତିଙ୍କ ପାଇଁ ଲାଗୁ ହୋଇପାରୁ ନାହିଁ ।

୭.୨ ତେଣୁ, ଯଦିଓ ଆମେ ବର୍ତ୍ତମାନର ଆବେଦନକୁ ଖାରଜ କରୁଛୁ, ନିର୍ଦ୍ଦେଶ ଦିଆଯାଉଛି ଯେ ଯେପର୍ଯ୍ୟନ୍ତ ଅନୁସୂଚିତ ଜନଜାତିମାନଙ୍କ ପାଇଁ ହିନ୍ଦୁ ଉତ୍ତରାଧିକାର ଅଧିନୟମ ବ୍ୟବସ୍ଥାର ଉପଯୋଗୀତା ସମ୍ପୃକ୍ତ, କେନ୍ଦ୍ର ସରକାର ଏହି ପ୍ରଶ୍ନ କୁ ଅନୁଧ୍ୟାନ କରି ହିନ୍ଦୁ ଉତ୍ତରାଧିକାର ଅଧିନିୟମରେ ଥିବା ବ୍ୟତିକ୍ରମ କୁ ସଠିକ ଏବଂ ଆବଶ୍ୟକମୁତାବକ ପ୍ରତ୍ୟାହାର କରନ୍ତୁ ଏବଂ

ଉପଯୁକ୍ତ ସଂଶୋଧନ କରୁଛନ୍ତି କିମ୍ବା ନାହିଁ ଦେଖିବା । ଆମେ ଆଶା ଓ ବିଶ୍ୱାସ କରୁଛୁ ଯେ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ବିଚାର କରିବେ ଏବଂ ଭାରତୀୟ ସମ୍ବିଧାନର ଧାରା ୧୪ ଓ ୨୧ରେ ପ୍ରଦତ୍ତ ସମାନତାର ଅଧିକାରକୁ ଧ୍ୟାନରେ ରଖି ଉପଯୁକ୍ତ ନିଷ୍ପତ୍ତି ନେବେ।

**ଏମ .ଆର.ଶାହ (ବିଚାରପତି )**

**କ୍ରୀଷ୍ଣା ମୁରାରୀ (ବିଚାରପତି )**

**ନୂଆଦିଲ୍ଲୀ**
**ଡିସେମ୍ବର ୯,୨୦୨୨**

**<u>ଅସ୍ୱୀକାର ପତ୍ର</u>**

*"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ / ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ /"*

Translated by Shri Jatadhari Sethi
Translator, High Court of Orissa, Cuttack.